# BPL (ବି.ପି.ଏଲ୍) ସମ୍ପର୍କରେ କେତୋଟି ଜାଣିବା କଥା ...........

୧. ପରିବାର ସର୍ଭେ କହିଲେ କଣ ବୁଝାଯାଏ?

**ଉତ୍ତର-** ଗ୍ରାମାଞ୍ଚଳରେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବାକୁ ପରିବାର ସର୍ଭେ କୁହାଯାଏ । ଏହି ସର୍ଭେ ୧୩ଟି ସାମାଜିକ ଓ ଅର୍ଥନୈତିକ ପରିମାପକ ଓ ପରିବାର ପିଚ୍ଛା ବାର୍ଷିକ ସର୍ବୋଚ୍ଚ ଆୟ ୧୧,୦୦୦ ଟଙ୍କାକୁ ଆଧାର କରି କରାଯାଇଥାଏ ।

୨. ମୋ ପରିବାରଟି ଏହି ସର୍ଭେରେ ଅନ୍ତର୍ଭୁକ୍ତ ହେବାପାଇଁ ଯୋଗ୍ୟ କି ନୁହେଁ ତାହା କିଭଳି ଜାଣିବି?

**ଉତ୍ତର-** ସର୍ଭେ ମାଧ୍ୟମରେ ମୋ ପରିବାର କୁ ମିଳିଥିବା ମୋଟ ନମ୍ବରରୁ ଏହା ଜଣା ପଡ଼ିବ ।

୩. ମୋ ପରିବାରଟି ସର୍ଭେ ହୋଇଛି କି ନାହିଁ କିଭଳି ଜାଣି ପାରିବି?

**ଉତ୍ତର-** ପ୍ରଥମେ ପଞ୍ଚାୟତିରାଜ ବିଭାଗର ୱେବସାଇଟ୍ (http://orissapanchayat.gov.in)କୁ ଯାଇ BPL2002ରେ କ୍ଲିକ କରନ୍ତୁ ।

- ଏହା ପରେ ନିଜର ଜିଲ୍ଲା, ବ୍ଲକ, ପଞ୍ଚାୟତ ଓ ଗ୍ରାମକୁ ସିଲେକ୍ଟ କରନ୍ତୁ ।
- ଆପଣଙ୍କ ପରିବାରର ମୁଖ୍ୟଙ୍କ ନାମ ଓ ସର୍ଭେରେ ମିଳିଥିବା ମୋଟ ନମ୍ବର ପାଇପାରିବେ ।

୪. ମୋ ପରିବାରର ସମ୍ପର୍କିତ ଆର୍ଥିକ ସ୍ଥିତିରେ ଭୁଲ ଥିଲେ କିଭଳି ଅଭିଯୋଗ କରିବି?

**ଉତ୍ତର-** ଏଥି ନିମନ୍ତେ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରି ଅଭିଯୋଗ କରି ହେବ ।

୫. ଯଦି ୱେବସାଇଟ୍ (website)ରେ ମୋ ପରିବାରର ନାମ ନଥାଏ ତେବେ ମୁଁ କ'ଣ କରିବି?

**ଉତ୍ତର-** ଗ୍ରାମ ପଞ୍ଚାୟତ ରେ ଅନ୍‌ଲାଇନ ମାଧ୍ୟମରେ ଏଥି ପାଇଁ ଆବେଦନ କରି ଏକ ପ୍ରାପ୍ତି ସ୍ୱୀକାର ରସିଦ୍ ଗ୍ରହଣ କରିବେ ଏବଂ ଏହା ପରେ ଆପଣଙ୍କ ନାମଟି ଏହି ଅନ୍‌ଲାଇନ ତାଲିକାରେ ଅର୍ନ୍ତଃଭୁକ୍ତ ହେଲା କି ନାହିଁ ଯାଞ୍ଚ କରି ପାରିବେ ।

୬. ବି.ପି.ଏଲ୍. ପରିବାରଙ୍କ ପାଇଁ କି ପ୍ରକାର ସରକାରୀ ସୁବିଧା ରହିଛି?

**ଉତ୍ତର-** ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାରେ ବି.ପି.ଏଲ୍.ପରିବାରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି ।

୭. ବି.ପି.ଏଲ୍ ପରିବାରମାନେ ପଞ୍ଚାୟତି ରାଜ ବିଭାଗ ଦ୍ୱାରା କି ଭଳି ଉପକୃତ ହୁଅନ୍ତି?

**ଉତ୍ତର-** ବି.ପି.ଏଲ୍. ପରିବାରମାନେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିମ୍ନଲିଖିତ ଯୋଜନା ମାଧ୍ୟମରେ ଉପକୃତ ହୋଇଥାନ୍ତି:

୧. ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (NREGS)ରେ ବି.ପି.ଏଲ୍.ପରିବାରମାନେ ସେମାନଙ୍କ ଜମିରେ ଫାର୍ମ ପଣ୍ଡ ଖନନ କରିପାରିବେ ।

୨. ସ୍ୱର୍ଣ୍ଣ ଜୟନ୍ତି ଗ୍ରାମ ସ୍ୱରୋଜଗାର ଯୋଜନାରେ ସେମାନେ ବ୍ୟାଙ୍କ ଋଣ ଓ ସବସିଡ୍ ଯୋଗାଇ ଦେବାର ସୁବିଧା ଅଛି ।

୩. ଇନ୍ଦିରା ଆବାସ ଯୋଜନା ଓ ମୋ କୁଡ଼ିଆ ଯୋଜନାରେ BPL ପରିବାରକୁ ମାଗଣାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

୮. ପଞ୍ଚାୟତିରାଜ ବିଭାଗ ବ୍ୟତୀତ ଅନ୍ୟ ବିଭାଗ ଗୁଡ଼ିକ ଦ୍ୱାରା BPL ପରିବାରମାନେ ମୁଖ୍ୟତଃ କିଭଳି ଉପକୃତ ହୋଇଥାଆନ୍ତି?

**ଉତ୍ତର-** ପଞ୍ଚାୟତିରାଜ ବିଭାଗ ବ୍ୟତୀତ ଅନ୍ୟ ବିଭାଗ ଗୁଡ଼ିକ ଦ୍ୱାରା ବି.ପି.ଏଲ୍. ପରିବାରମାନେ ନିମ୍ନ ଭାବରେ ଉପକୃତ ହୋଇଥାନ୍ତି ।

## ମହିଳା ଓ ଶିଶୁ ବିକାଶ ବିଭାଗ

ଜାତୀୟ ପରିବାର ମଙ୍ଗଳ ଯୋଜନାରେ ବି.ପି.ଏଲ୍ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ଏକ କାଳୀନ ୧୦,୦୦୦ ଟଙ୍କା ଅନୁକମ୍ପାମୂଳକ ଆର୍ଥିକ ସହାୟତା ମିଳିଥାଏ ।

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୬୫ ବର୍ଷରୁ ଉର୍ଦ୍ଧ ବି.ପି.ଏଲ୍. ପରିବାରର ବୃଦ୍ଧ/ବୃଦ୍ଧାଙ୍କୁ ମାସିକ ୨୦୦ ଟଙ୍କା ହାରରେ ଭତ୍ତା ପ୍ରଦାନ କରାଯାଇଥାଏ ।

ମଧୁବାବୁ ପେନ୍‌ସନ୍ ଯୋଜନାରେ ୬୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ/ବୃଦ୍ଧାଙ୍କୁ ମାସିକ ୨୦୦ ଟଙ୍କା ହାରରେ ଭତ୍ତା ପ୍ରଦାନ କରାଯାଇଥାଏ ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବି.ପି.ଏଲ୍. ପରିବାର ପାଇଁ ବର୍ଷକୁ ୩୦,୦୦୦ ଟଙ୍କାର ବୀମା ବ୍ୟବସ୍ଥା ରହିଛି ।

## ଗ୍ରାମ୍ୟ ଉନ୍ନୟନ ବିଭାଗ

ବି.ପି.ଏଲ୍ ପରିବାର ପିଚ୍ଛା ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଏ ।

## ଯୋଗାଣ ଓ ଖାଉଟି କଲ୍ୟାଣ

ଅନ୍ନପୂର୍ଣ୍ଣା ଯୋଜନାରେ ବି.ପି.ଏଲ୍. ଶ୍ରେଣୀଭୁକ୍ତ ୬୫ ବର୍ଷରୁ ଉର୍ଦ୍ଧ ଦରିଦ୍ର ଓ ଅସହାୟ ବୃଦ୍ଧ/ବୃଦ୍ଧା ଯେଉଁମାନେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଉପକୃତ ହୋଇ ନଥିବେ, ସେହିମାନଙ୍କୁ ପ୍ରତି ମାସରେ ମୁଣ୍ଡପିଚ୍ଛା ୧୦ କି.ଗ୍ରା ଚାଉଳ ଅନ୍ନପୂର୍ଣ୍ଣା କାର୍ଡ ମାଧ୍ୟମରେ ମାଗଣାରେ ଯୋଗାଇ ଦିଆଯାଏ ।

ଅନ୍ତୋଦୟ ଅନ୍ନ ଯୋଜନାରେ ମଧ୍ୟ ବି.ପି.ଏଲ୍. ପରିବାରକୁ ହିତାଧିକାରୀ ଭାବେ ଚୟନ କରାଯାଇଥାଏ । ଏହି ଯୋଜନା ଅର୍ନ୍ତଭୁକ୍ତ ପରିବାରକୁ ଅନ୍ତୋଦୟ ଅନ୍ନ ଯୋଜନା କାର୍ଡ ମାଧ୍ୟମରେ ପ୍ରତି ମାସ ୨ ଟଙ୍କା ମୂଲ୍ୟରେ ୩୫ କି.ଗ୍ରା. ଚାଉଳ ବଣ୍ଟା ଯାଇଥାଏ । ଏତଦ୍ ବ୍ୟତିତ ପ୍ରତ୍ୟେକ ବି.ପି.ଏଲ ପରିବାରକୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାପାଇଁ ମାସିକ ୨୫ କି.ଗ୍ରା. ବି.ପି.ଏଲ୍ ଚାଉଳ କିଲୋ ପ୍ରତି ୨ଟଙ୍କା ଦରରେ ମିଳିଥାଏ ।

## ଶକ୍ତି ବିଭାଗ

ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ବି.ପି.ଏଲ୍. ପରିବାରକୁ ଗୃହ ବିଦ୍ୟୁତିକରଣ ପାଇଁ ଟ.୨୦୦୦ଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ ।

## ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ

ଏହି ବିଭାଗ ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ହରିଜନ ଓ ଆଦିବାସୀ ବି.ପି.ଏଲ୍. ପରିବାରଙ୍କୁ ବ୍ୟାଙ୍କ ଋଣ ଓ ରିହାତି ଯୋଗାଇ ଦେବାର ସୁବିଧା ରହିଛି ।

- ଏତଦ୍‌ବ୍ୟତୀତ ଓଡ଼ିଶା ସୂଚନା ଅଧିକାର ଆଇନ-୨୦୦୫ ଅନୁଯାୟୀ BPL କାର୍ଡଧାରୀଙ୍କୁ ସୂଚନା ଆବେଦନ ଜନିତ ଫିକୁ ଛାଡ଼ କରାଯାଇଛି ।
- ଏଠାରେ ସୂଚନାଯୋଗ୍ୟ ଯେ ଜଳ, ଜମି ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିବାସୀ ଓ ହରିଜନ ବି.ପି.ଏଲ୍. ପରିବାରମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ OTELP, WORLD ଯୋଜନା ମାଧ୍ୟମରେ ବିଶେଷ ସହାୟତ ପ୍ରଦାନ କରାଯାଇଥାଏ ।

****